# ତୃତୀୟ ପରିଚ୍ଛେଦ

ବାଣିଜ୍ୟେ ବସତେ ଲକ୍ଷ୍ମୀସ୍ତଦର୍ଦ୍ଧଂ କୃଷିକର୍ମଣି '
ଅସ୍ୟାର୍ଥଃ 'ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ , ତହୁଁ ଅଧେ କଲେ ଚାଷ । '

ଆମ୍ଭେମାନେ ଅନୁମାନ କରୁଁ, ଜଣେ ମରହଟ୍ଟୀ କବି ଏହି କବିତା କହିଅଛନ୍ତି । ଆଜିକାଲିର କବି ହୋଇ ଥିଲେ , ଏହିପରି କହନ୍ତେ

''ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ , ତହୁଁ ଅଧେ ବି. ଏଲ୍. ପାଶ ''

ମଙ୍ଗରାଜଙ୍କ ନଅର ଦେଖି କେହି ଅନଭିଜ୍ଞ ଲୋକ ଅନୁମାନ କରିପାରନ୍ତି , ଏହା ଗୋଟିଏ ଅଦାଲତର ବି. ଏଲ୍ . ପାଶୟା ଓକିଲ ଘର , ବାଷଠି ଘର , ଭଗ୍ନାଂଶର ସମଷ୍ଟି ମାନ୍ତ୍ର । କଥା କଣ ଜାଣନ୍ତି 'ଭାଗ୍ୟ ଫାଳତି ସର୍ବନ୍ତ୍ର । ' ଏହି ଯେ ଅଦାଲତର ଓଳିରେ ଗଣ୍ଡା ଗଣ୍ଡା ଶାଳପାଗିଆ , ବୁଲୁଛନ୍ତି , ମଙ୍ଗରାଜଙ୍କ ପଛରେ ପଚିଶ ଘର ଭଗ୍ନାଂଶ ଗାଏ କରିବାକୁ କେତେ କଣ ମିଳିବେ ? ସାଆନ୍ତେ ଆପେ କହନ୍ତି ସେ କାହାରି ଗୋଟିଏ ପଇସା ଆଣନ୍ତି ନାହିଁ । ନିଜ ବୁଦ୍ଧି ନିଜ ବାହୁ ବଳରେ ମାଟିରୁ ସୁନା ପଇଦା କରିଅଛନ୍ତି । ଏହିପରି ଶୁଣାଅଛି---ଶୁଣା କିମ୍ବା ଆମ୍ଭେମାନେ ଠିକ୍ କଥା ଜାଣୁ ---ମଙ୍ଗରାଜେ ପ୍ରଥମେ ଗାଁ ପ୍ରଧାନ ଠାରୁ ଦୁଇମାଣ ଜମି ଭାଗରେ ଧରିଥିଲେ । ବର୍ତ୍ତମାନ ଚାଶଜମି ଚବିଶ ଦସ୍ତି ପଦିକାରେ ଚାରିବାଟି ଛ'ମାଣ , ଏହା ଛାଡି ତିରିଶି ବାଟି ସତର ମାଣ ଭାଗରେ ଲାଗିଅଛି। ଜମିସବୁ ଲାଖରାଜ , କିଛି ନିଷ୍ଭୀ ବାଜ୍ୟାପ୍ତି । ଅଧିକାଂଶ ଖରିଦା ବ୍ରହ୍ମୋତ୍ତର । ଚାଷ ବଦଳ ୫ ହଳ , ହଳିଆ ବାର ଜଣ , ଏମାନେ ବାର ମାସିଆ , ଜାତିରେ ବାଉରୀ -- ତିନି ଜଣ ପାଣ । ଚାଷ ଓ ବଗିଚା ଏମାନଙ୍କର ଜିମା । ମଙ୍ଗରାଜଙ୍କ ଶିକ୍ଷା ଓ ଉତ୍ସାହରେ ଏମାନେ କର୍ମଠ ଓ ଉତ୍ସାହୀ । ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରିବା ସ୍ବାସ୍ଥ୍ୟ -ବିଧାନ ଶାସ୍ତ୍ରର ବିଧି । ଖରା ହେଉ ,

ବରଷା ହେଉ , ତୋଫାନ ହେଉ , ଝଡି ହେଉ ମଙ୍ଗରାଜେ ଏହି ବିଧି ଲଘଂନ କରିଥିବାର କେବେ କେହି ଦେଖିନାହିଁ । ଶାସ୍ତ୍ରରେ ଲେଖାଅଛି-

''ଯେତେକ ଦେଖ ନଦନଦୀ ,
ସମସ୍ତେ ମିଳନ୍ତି ଜଳଧି ।
ଆପଣାଗୁଣ ପାସୋରନ୍ତି ,
ଲବଣ ଗୁଣକୁ ଭଜନ୍ତି ।''

ଠିକ କଥା । ସେହିପରି ସ୍ତ୍ରୀ , ଦାସ -ଦାସୀ ସମସ୍ତେ ସାଆନ୍ତଙ୍କ ଗୁଣକୁ ଉଣା ଅଧିକରେ ଲାଭ କରିଥାନ୍ତି । ଆମ୍ଭେମାନେ ସାଆନ୍ତଙ୍କ ଘର ଦାସ -ଦାସୀ ମାନଙ୍କୁ ଦେଖି ଏହି ଶିକ୍ଷା ଲାଭ କରିଅଛୁଁ । ମଙ୍ଗରାଜ ବ୍ରାହ୍ମମୁହୂର୍ତ୍ତରେ ଉଠି ଦାନ୍ତ ଘଷି ପକାନ୍ତି । କଲିକତା ସହରରେ ଦୁଇ ଥର ତୋପ ପଡେ। ପ୍ରାତଃ କାଳ ତୋପ ରାତ୍ରି ଶେଷଜ୍ଞାପକ । ମଙ୍ଗରାଜେ କଚେରୀ ପିଣ୍ଡାରେ ଠିଆହୋଇ ହଳିଆକୁ ଡାକିଦେଲେ ଗ୍ରାମର ଲୋକେ ଆଖିବୁଜି ମଧ ଜାଣିପାରନ୍ତି , ରାତିପାହିଲାଣି , ବୋହୂ ଭୁଆଶୁଣିଏ ବାସିପାଇଟିରେ ଲାଗିଯାନ୍ତି । ମଫସଲରେ ଲୋକେ ଘଣ୍ଟା ଫଣ୍ଟା ବୁଝନ୍ତି ନାହିଁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ବଳଦ କାନ୍ଧରେ ଯୁଆଳି ବାହାରେ । ଆଖ ପାଖ ଚାଷିମାନେ ଦୂରରୁ ଅନାଇ ଦେଖନ୍ତି , ମଙ୍ଗରାଜଙ୍କ ବଡ ତାଳ ପତ୍ର ଛତା ହିଡ ଉପରୁ ଉଠିଲାଣି କି ନାହିଁ । ମଙ୍ଗରାଜେ ତାଙ୍କର ହଳିଆ ମାନଙ୍କୁ ପୁଅ ପରି ପାଳିଛନ୍ତି । ମା- ବାପ ପିଲାମାନଙ୍କ ଖିଆ ପିଆ ନିଜେ ନଦେଖିଲେ ସେମାନଙ୍କ ମନ ମାନେ ନାହିଁ । ହଳିଆମାନେ ଧାଡିହୋଇ ଖାଇବାକୁ ବସିଗଲେ ସାଆନ୍ତେ ରାନ୍ଧୁଣିଆକୁ ଉଚ୍ଚସ୍ବରରେ ଡାକ ଦିଅନ୍ତି , ଆରେ ତୋରାଣି ଆଣ , ଏମାନଙ୍କ ତଣ୍ଟି ଶୁଖିଯାଉଛି । ରାନ୍ଧୁଣିଆ ଅଭ୍ୟସ୍ତ ବିଦ୍ୟା ପ୍ରଭାବରେ ଫିଂ ଜଣକୁ ଦୁଇ କଂସା କରି ତୋରାଣି ଦିଏ । ହଳିଆ ଏତେଗୁଡାଏ ତୋରାଣୀ ପିଇବାକୁ ନାରାଜ ହେଲେ ସାଆନ୍ତେ ତାହାର ଉପକାରିତା ଓ ବଳକାରିତ୍ବ ମମ୍ବନ୍ଧରେ ଖୁବ୍ ବକ୍ତୃତା କରି ତାହା ପିଆଇ ଦେଇ ତହିଁ ଉତ୍ତରେ ଭ ାତରବ୍ୟବସ୍ଥା କରି ଆପେ ସ୍ନାନ କରିବାକୁ ବାହାରିଯାନ୍ତି । ସାଆନ୍ତଙ୍କ ବଗିଚାରେ ସତରଟା ସଜନାଗଛ। ସଜନାଶାଗ

ହଜମୀ , ବଳକାରକ, ରୋଗନାଶକ, ମୁଖରୋଚକ , ରୋଗୀର ପଥ୍ୟ । ନିର୍ଘଣ୍ଟୁରେ ସଜନାର ଏପରି ଗୁଣ ବର୍ଣ୍ଣନା ଅଛି କି ନାହିଁ ଆମ୍ଭେମାନେ ଜାଣୁ ନାହିଁ କାରଣ ସେ ବିଦ୍ୟାରେ ଆମ୍ଭେମାନେ ନିତାନ୍ତ ଅନଭିଜ୍ଞ ; କିନ୍ତୁ ସାଆନ୍ତଙ୍କ ମୁଖରୁ 'ଯଥା ଶ୍ରୁତଂ ତଥା ଲିଖିତଂ । ' ସେଥି ସକାଶେ ବଗିଚାର ସଜନାଶାଗ କେଉଁଏ ମଧ୍ୟ ହାଟକୁ ଯାଏ ନାହିଁ , ହଳିଆ ମାନଙ୍କର ବଳବର୍ଦ୍ଧନ ଓ ପୋଷଣ ନିମନ୍ତେ ସମସ୍ତ ଉତ୍ସର୍ଗ କୃତ । ଏହି ଯେ ଫୁଲ ଦେଖୁ ଅଛ , ଏପରି ଉପାଦେୟ ପଦାର୍ଥ ପୃଥିବୀରେ ନାହିଁ । ପୁଞ୍ଜାଏ ରାଇ ଯଦି ସେଥିରେ ମିଶେ , ତା କଥା ଛାଡ । ପରମେଶ୍ବରଙ୍କ ସୃଷ୍ଟିରେ କେତେ ଭଲ ଅଛି-ସେଥିରେ ଭଲମନ୍ଦ ମିଶାମିଶି । ଦେଖ ପଣସ ଖୋସା ଗୁଡିକ ମଧୁର , କିନ୍ତୁ ତାହା ଭିତରେ ସୁତାଗୁଡାକ ବଦହଜମୀ । କିନ୍ତୁ ଲୋକଙ୍କଠାରେ କିଛି ଅଖଞ୍ଜ ରହେ ନାହିଁ , ଭଲକୁ ଭଲ , ମନ୍ଦକୁ ମନ୍ଦ , ବାଛିଦିଅନ୍ତି । ସଜନାର ସବୁ ଭଲ , କେବଳ ଛୁଇଁଗୁଡାକ ଖରାପ ଓ ବଦହଜମୀ । ସେଥିପାଇଁ ହଳିଆ କିମ୍ବା ଚାକରମାନଙ୍କ ପତ୍ର ଛୁଇଁପାରେ ନାହିଁ, ବାହାରେ ବାହାରେ ହାଟକୁଯାଏ।

--o--